# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 20 MAY– 2026

## ମୁଖ୍ୟମନ୍ତ୍ରୀ-ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ବିଧାୟକମାନଙ୍କ ସହ ରବିଧାନ ସଂଗ୍ରହ ସଂପର୍କରେ ଆଲୋଚନା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସମସ୍ତ ଅଞ୍ଚଳର ଚାଷୀମାନଙ୍କଠାରୁ ଧାନ କ୍ରୟ ପ୍ରକ୍ରିୟା ଜାରି ରହିଛି । ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ଏବଂ ମିଲରମାନେ ଠିକ୍ ସମୟରେ ଧାନ ଉଠାଇବା ନେଇ ପଦକ୍ଷେପ ନିଆଯାଉଛି । ଚାଷୀମାନଙ୍କୁ ଧାନକ୍ରୟ ସମୟରେ ସମସ୍ତ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

## ରାସ୍ତା ଭିତ୍ତିଭୂମି

ଭୁବନେଶ୍ୱରରେ ସହରୀ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାସ୍ତା ସଂଯୋଗୀକରଣରେ ଉନ୍ନତୀ ଆଣିବା ଲକ୍ଷ୍ୟରେ ସରକାର ୩୭ଟି ରାସ୍ତାର ପୁନଃନିର୍ମାଣ କରିବେ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ୨୦୨୫-୨୬ ଆର୍ଥିକବର୍ଷରେ ଏଥିପାଇଁ ୭ ହଜାର ୮୨୬ କୋଟି ୧୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଶ୍ରୀ ହରିଚନ୍ଦନ ଭୁବନେଶ୍ୱରରେ ୨ଟି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

## ସିଏଚ୍ଏସ୍ଇ ରେଜଲ୍ଟ

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ– ସି.ଏଚ୍.ଏସ୍.ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆଜି ପ୍ରକାଶ ପାଇବ । ମଧ୍ୟାହ୍ନ ସାଢେ ୧୨ଟାରେ ପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିବେ।

ଅପରାହ୍ନ ୩ଟାରେ results.orissa.gov.in ଏବଂ results.digilocker.gov.in ରେ ଲଗ୍ଇନ୍ କରି ପରୀକ୍ଷାର୍ଥୀମାନେ ପରୀକ୍ଷାଫଳ ଜାଣିପାରିବେ। ଚଳିତ ବର୍ଷ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେଇଛନ୍ତି।

## ସିବିଏସ୍ଇ-ଏକ୍ସଟେଣ୍ଡ ଡେଟ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ୍ ପରୀକ୍ଷା ୨୦୨୬ ପାଇଁ ମୂଲ୍ୟାଙ୍କିତ ଉତ୍ତର ଖାତାର ସ୍କାନ୍ କପି ପାଇଁ ଆବେଦନ କରିବାର ସମୟସୀମା ବୃଦ୍ଧି କରାଯାଇଛି । ପରିଷଦ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ଆବେଦନ କରାଯାଇପାରିବ । ପରିଷଦର ୱେବ୍ସାଇଟ୍‌ରେ ସୃଷ୍ଟ ସମସ୍ୟା ଏବଂ ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟାପ୍ତ ସମୟ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସି.ବି.ଏସ୍.ସି. କହିଛି ।

................................................................................

## ନାଗରିକ ସେବା

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶା ସେବା ଅଧିକାର ଆଇନ ଅଧୀନରେ ନାଗରିକ ସେବାର କାର୍ଯ୍ୟଦକ୍ଷତା ଓ ଡିଜିଟାଲ ସେବା ବ୍ୟବସ୍ଥାର ଅଗ୍ରଗତି ସମୀକ୍ଷା କରିଛନ୍ତି । ବିଭାଗ ଅଧୀନରେ ରହିଥିବା ୩୦ଟି ବିଜ୍ଞପିତ ନାଗରିକ ସେବାରେ ପ୍ରାୟ ୯୪ ପ୍ରତିଶତ ଆବେଦନକୁ ଆଇନଗତ ଭାବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରାଯାଇଛି ।

---

## ନଗର ଉନ୍ନୟନମନ୍ତ୍ରୀ-କ୍ରୁଟ୍ ବୈଠକ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ସହରାଞ୍ଚଳ ଯାତାୟାତ ବ୍ୟବସ୍ଥାର ବିସ୍ତାର, ଭିତ୍ତିଭୂମି ବିକାଶ, ସଡ଼କ ସୁରକ୍ଷା ପଦକ୍ଷେପ ନେଇ କ୍ରୁଟ୍ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କ୍ରୁଟ୍‌ର ପ୍ରଥମ ପର୍ଯ୍ୟାୟ ବିସ୍ତାର ଯୋଜନା ଅଧୀନରେ ବିଭିନ୍ନ ରୂପରେଖ ସଂପର୍କରେ ଆଲୋଚନା ହୋଇଥିଲା । ପିଏମ୍ ଇ-ବସ୍ ସେବା ଯୋଜନାର କାର୍ଯ୍ୟାନ୍ୱୟନ ସଂପର୍କରେ ସମୀକ୍ଷା ହୋଇଥିଲା ।

---

## ମୁଖ୍ୟ ଶାସନ ସଚିବ-ବୈଠକ

ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳମାନଙ୍କ ସହ ବୈଠକ ହୋଇଛି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ସମୀକ୍ଷା ପାଇଁ ସିଏମ୍ ସମ୍ପଦା ପ୍ଲାଟଫର୍ମର କାର୍ଯ୍ୟକାରିତା ସହ

ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସଂପର୍କରେ ଆଲୋଚନା ହୋଇଛି । ବୈଠକରେ ଅର୍ଥ ବିଭାଗ ସମ୍ବନ୍ଧିତ କ୍ରେଡିଟ୍ ଡିପୋଜିଟ୍ ଅନୁପାତ ବୃଦ୍ଧି କରି ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ନେଇ ଗୁରୁତ୍ୱ ଦିଆଯାଇଥିଲା ।

---

# ପବିତ୍ର ମୋହନ ମେଡ଼ିକାଲ କଲେଜ

ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯିବା ସଂପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରରେ ଆୟୋଜିତ ବୈଠକରେ ହସ୍ପିଟାଲର ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ସଂପର୍କରେ ସମୀକ୍ଷା ହୋଇଥିଲା ।

---

# ପ୍ଲାଷ୍ଟିକ୍

ଗଞ୍ଜାମ ଜିଲ୍ଲାରେ ପ୍ଲାଷ୍ଟିକ୍ ବ୍ୟବହାରକୁ ହ୍ରାସ କରିବାନେଇ ପ୍ରଶାସନ ପକ୍ଷରୁ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନର ଶୁଭାରମ୍ଭ କରାଯାଇଛି । ଏଥିପାଇଁ କପଡ଼ା ତିଆରି ବ୍ୟାଗ ଓ ପୁନଃ ବ୍ୟବହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

---

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି

୧୦ଟା ପର୍ଯ୍ୟନ୍ତ ଏଥିପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ବନକଲାଗି ନୀତି ଯୋଗୁଁ ଆଜି ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ କରାଯିବ ନାହିଁ।

## ଭୋଟର ତାଲିକା ସଂଶୋଧନ

କଟକ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଂପର୍କିତ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ଭୂମିକା ସଂପର୍କରେ ଆଲୋଚନା ହୋଇଥିଲା ।

ନୂଆପଡ଼ା ଜିଲ୍ଲାରେ ମଧ୍ୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସଂପର୍କରେ ଜିଲ୍ଲା ପ୍ରଶାସନ ସହ ରାଜନୈତିକ ଦଳମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ନିଶ୍ଚିତ କରିବା ପାଇଁ ଆଲୋଚନା ହୋଇଥିଲା । କନ୍ଧମାଳ ଜିଲ୍ଲାରେ ସର୍ବଦଳୀୟ ବୈଠକରେ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପାଇଁ ଆଲୋଚନା ହୋଇଥିଲା ।